# ନିୟନ୍ତ୍ରିତ ବଜାର କମିଟି କାର୍ଯ୍ୟାଳୟ ,କରଞ୍ଜିଆ

ୱାର୍ଡନଂ-୧୪ , ଅଙ୍କୁରା , ପୋ:ଅ-କରଞ୍ଜିଆ, ମୟୁରଭଞ୍ଜ-୭୫୭୦୩୭

## ଶୁଦ୍ଧିପତ୍ର(CORRIGENDUM)

ସଂଖ୍ୟା:- ୨୨୪ ତା. ୧୨/୦୪/୨୦୨୩

ଏତଦ୍ୱାରା ନିୟନ୍ତ୍ରିତ ବଜାର କମିଟି,କରଞ୍ଜିଆ ତଥା ପାଞ୍ଚପିଢ଼ ଉପଖଣ୍ଡ ଅଞ୍ଚଳର ସମସ୍ତ ଚାଷୀ , କୃଷିଜାତଦ୍ରବ୍ୟର ବ୍ୟବସାୟୀ ଓ କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବସାଧାରଣ ମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି :

(୧) ବିଜ୍ଞାପନ ସଂଖ୍ୟା.୧୭୯ ତା.୨୮.୦୩.୨୦୨୩ ରେ ପ୍ରକାଶିତ ଦୋକାନ ଗୃହ ଆବଣ୍ଟନର ସର୍ତ୍ତାବଳି ନଂ- ୧ ନିମ୍ନମତେ ପରିବର୍ତ୍ତନ କରାଯାଇଅଛି:- ଉକ୍ତ ଦୋକାନ ଗୃହ ଗୁଡିକ ଆବଣ୍ଟନରେ କେବଳ କରଞ୍ଜିଆ ଉପ ଖଣ୍ଡର ଚାଷୀ, କୃଷିଜାତ ଦ୍ରବ୍ୟର ବ୍ୟବସାୟୀ ଓ କୃଷି ଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ତଥା ଉପଖଣ୍ଡର ଜନ ସାଧାରଣଙ୍କ ଆବେଦନକୁ ବିଚାରକୁ ନିଆଯିବ ।

(୨) ସେହିପରି ସର୍ତ୍ତାବଳି ନଂ-୦୮ ନିମ୍ନମତେ ପରିବର୍ତ୍ତନ କରାଯାଇଅଛି:- ଆବେଦନକାରୀଙ୍କୁ ଦେବାକୁ ଥିବା ନିର୍ଦ୍ଧାରିତ ଅମାନତ ରାଶିଟ.୫୦,୦୦୦/-(ପଚାଶ ହଜାର ) ଟଙ୍କା ପରିବର୍ତ୍ତେ ଟ.୨୫,୦୦୦/-(ପଚିଶହଜାର ) ଟଙ୍କା ଅଗ୍ରିମ ଆକାରରେ ଆବେଦନ ଫର୍ମ ସହିତ ଦାଖଲ କରିବେ ଏବଂ ଯେଉଁ ଆବେଦନକାରୀମାନେ ଦୋକାନଗୃହ ପାଇବା ପାଇଁ ଚୟନ ହେବେ ସେମାନେ ଅବଶିଷ୍ଟ ଅମାନତ ରାଶି ଟ.୨୫,୦୦୦/-(ପଚିଶ ହଜାର ) ଟଙ୍କା ନିୟନ୍ତ୍ରିତ ବଜାର କମିଟି କର୍ତ୍ତୃପକ୍ଷକଙ୍କ ସହିତ ଦୋକାନଗୃହ ନେବାନେଇ ଏକ ଚୁକ୍ତି ସ୍ୱାକ୍ଷର ପୂର୍ବରୁ ପ୍ରଦାନ କରିବେ ।

(୩) ଯେଉଁ ଆବେଦନକାରୀମାନେ ଦୋକାନଗୃହ ପାଇବା ପାଇଁ ଚୟନ ହେବେ ନାହିଁ , ସେମାନଙ୍କଠାରୁ ଆବେଦନ ସମୟରେ ନିଆଯାଇ ଥିବା ଅମାନତ ରାଶିଟ.୨୫,୦୦୦/-(ପଚିଶ ହଜାର ) ଟଙ୍କା କୁ ୧୦ (ଦଶ) ଦିନ ମଧ୍ୟରେ ଫେରସ୍ତ କରାଯିବ ।

(୪) ଦରଖାସ୍ତ ଫର୍ମ ଗୁଡିକ ରେଜେଷ୍ଟ୍ରି ଡାକ ଅଥବା କ୍ଷିପ୍ର ଡାକରେ ପଠାଇପାରିବେ ଅଥବା ମୁଦ ଲଫାପାରେ ନିୟନ୍ତ୍ରିତ ବଜାର କମିଟି, କରଞ୍ଜିଆ କାର୍ଯ୍ୟାଳୟଠାରେ ରଖାଯାଇ ଥିବା ଜଉମୁଦ ଦ୍ୱାରା ଆବଦ୍ଧ ବାକ୍ସରେ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ପକାଇପାରିବେ ।

(୫) ଦରଖାସ୍ତ ଫର୍ମଗୁଡିକ ଡାକ ବା କାର୍ଯ୍ୟାଳୟରେ ଥିବା ବାକ୍ସରେ ଗ୍ରହଣ କରିବାର ଶେଷ ତା. ୨୫.୦୪.୨୦୨୩ ରିଖ ଅପରାହ୍ନ ୫.୦୦ଘଟିକା ପର୍ଯ୍ୟନ୍ତ ଧାର୍ଯ୍ୟ କରାଗଲା । ଧାର୍ଯ୍ୟ ତାରିଖ ଏବଂ ସମୟ ପରେ ଆସିଥିବା କୌଣସି ଦରଖାସ୍ତକୁ ଗ୍ରହଣ କରାଯିବ ନାହିଁ ।

ଉପଜିଲ୍ଲାପାଳ, ପାଞ୍ଚପୀଢ ତଥା- 12.4.23

ଅଧକ୍ଷ, ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ

Sub-Collector (P)-Cum
Chairman, R.M.C., Karanjia

KARANJIA R.M.C.
Regd.
No. 2938
Dt. 1? 02.03
MAYURBHANJ

ପରିପତ୍ର ସଂଖ୍ୟା - ୨୨୬ ତା : ୧୭/୦୪/୨୦୨୩

ଏହାର ଦୁଇକିତା ନକଲ ସମ୍ପାଦକ , ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆଙ୍କ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ସମସ୍ତ ଚାଷୀ ଭାଇ ଓ ଭଉଣୀ /କୃଷିଜାତ ଦ୍ରବ୍ୟର ବ୍ୟବସାୟୀ / କୃଷିଭିତ୍ତିକ ଦ୍ରବ୍ୟର ବ୍ୟବସାୟୀ ଏବଂ ସର୍ବ ସାଧାରଣମାନଙ୍କ ଅବଗତି ନିମନ୍ତେ ପ୍ରକାଶ କରାଗଲା ।

ସମ୍ପାଦକ, ୧୭.୦୪.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C., Karanjia

ପରିପତ୍ର ସଂଖ୍ୟା - ୨୨୭ ତା. ୧୭/୦୪/୨୦୨୩

ଏହାର ଏକକିତା ନକଲ **DIO,NIC**(ଜାତୀୟ ସୂଚନା କେନ୍ଦ୍ର )ମୟୂରଭଞ୍ଜଙ୍କୁ ପ୍ରେରଣା କରାଗଲା ଏବଂ ତାଙ୍କର website www.mayubhanj.nic.in ରେ ବିଜ୍ଞାପନକୁ ପ୍ରକାଶନ କରିବାକୁ ଅନୁରୋଧ କରାଗଲା

ସମ୍ପାଦକ, ୧୭.୦୪.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C., Karanjia

ପରିପତ୍ର ସଂଖ୍ୟା - ୨୨୮ ତା. ୧୭/୦୪/୨୦୨୩

ଏହାର ଏକକିତା ନକଲ ସମ୍ପାଦକ , ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆଙ୍କ ଜରିଆରେ ନିମ୍ନ ସୂଚିତ ଅଧିକାରୀଙ୍କୁ ପଠାଯାଇ ସେମାନଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡରେ ପ୍ରକାଶନ କରିବାକୁ ଅନୁରୋଧ କରାଗଲା ।

୧. ପରିଚାଳନା ନିର୍ଦ୍ଦେଶକ,କରଞ୍ଜିଆ/ ପାଟବିଲ/ରରୁଆଁ/ ସୁକ୍ରୁଳି/ ଯଶିପୁର/ପୋଡାଗଡ/ମହୁଲଡିହା ଠାକୁରମୁଣ୍ଡା ଲ୍ୟାମ୍ପସ୍ ଲି଼ଃ.
୨.କାର୍ଯ୍ୟନିର୍ବାହୀ ଅଧିକାରୀ , କରଞ୍ଜିଆ ବିଜ୍ଞାପିତ ଅଞ୍ଚଳ ପରିଷଦ , କରଞ୍ଜିଆ
୩. ଗୋଷ୍ଠୀ ଉନ୍ନୟନ ଅଧିକାରୀ, କରଞ୍ଜିଆ/ ରରୁଆଁ/ ସୁକ୍ରୁଳି/ ଯଶିପୁର/ ଠାକୁରମୁଣ୍ଡା ପଞ୍ଚାୟତ ସମିତି
୪. ତହସିଲଦାର,କରଞ୍ଜିଆ/ ରରୁଆଁ/ ସୁକ୍ରୁଳି/ ଯଶିପୁର/ ଠାକୁରମୁଣ୍ଡା
୫. ସହକାରୀ ନିବନ୍ଧକ ସମବାୟ ସମିତି ସମୂହ , କରଞ୍ଜିଆ ମଣ୍ଡଳ ,କରଞ୍ଜିଆ
୬. ଉପନିବନ୍ଧକ ସମବାୟ ସମିତି ସମୂହ , ବାରିପଦା ଖଣ୍ଡ , ବାରିପଦା
୭. ଉପଜିଲ୍ଲାପାଳ ପାଞ୍ଚପୀଢ଼, କରଞ୍ଜିଆ ଉପଖଣ୍ଡ
୮. ଜିଲ୍ଲାପାଳ,ମୟୂରଭଞ୍ଜ ଜିଲ୍ଲା
୯. ସାଧାରଣ ପ୍ରବନ୍ଧକ, ଓଡିଶା ରାଜ୍ୟ କୃଷି ବିପଣନ ପରିଷଦ, ଭୁବନେଶ୍ୱର
୧୦. ନିର୍ଦ୍ଦେଶକ କୃଷି ବିପଣନ, ଓଡିଶା , ଭୁବନେଶ୍ୱର
୧୧. ନିବନ୍ଧକ ସମବାୟ ସମିତି ସମୂହ , ଓଡିଶା,ଭୁବନେଶ୍ୱର

ସମ୍ପାଦକ, ୧୭.୦୪.୨୦୨୩
ନିୟନ୍ତ୍ରିତ ବଜାର କମିଟି , କରଞ୍ଜିଆ
Secretary
R.M.C., Karanjia

Scanned with OKEN Scanner